# ଓଡ଼ିଶାରେ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି

## ଅକ୍ଟୋବରରେ ମନମୋହନଙ୍କ କେବିକେ ଗସ୍ତ

ଭୁବନେଶ୍ୱର, ତା୧୯।୭ (ଭୁ.ପ୍ର)– ଓଡ଼ିଶାରେ ଏକ ଉଚ୍ଚକୋଟୀର ବିଜ୍ଞାନ ଓ ବୈଷୟିକ ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯିବ ବୋଲି ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ପ୍ରତିଶ୍ରୁତି ଦେଇଛନ୍ତି ।

ଆଜି ନୂଆଦିଲ୍ଲୀଠାରେ ବିରୋଧୀଦଳ ନେତା ଜାନକୀବଲ୍ଲଭ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ଅବସରରେ ଏହି ବିଜ୍ଞାନ ପ୍ରତିଷ୍ଠାନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ଶ୍ରୀ ପଟ୍ଟନାୟକଙ୍କୁ କହିଲେ ଯେ ଭୁବନେଶ୍ୱରର ଏହି ବିଜ୍ଞାନ ପ୍ରତିଷ୍ଠାନ ଲାଗି ଆଣବିକ ବିଜ୍ଞାନ କମିଶନଙ୍କୁ ଏହାର ଖସଡ଼ା ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଛି ଏବଂ ଖୁବ୍ ଶୀଘ୍ର ଏହା ହୋଇଯିବ । ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ ଭୁବନେଶ୍ୱରରେ ସ୍ଥାପନ ପାଇଁ ବଜେଟରେ ଯଥେଷ୍ଟ ଅର୍ଥ ବ୍ୟବସ୍ଥା କରାଯାଇଥିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ।

ଓଡ଼ିଶାର କେବିକେ ଯୋଜନା ଉଠିଯିବା ସମ୍ପର୍କରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି ବରଂ ଏହି ଅନଗ୍ରସର ଜିଲାଗୁଡ଼ିକର ଉନ୍ନତି ଲାଗି ଏଗୁଡ଼ିକୁ କିଭଳି ଅଧିକ ଅର୍ଥ ଦିଆଯିବ ସେଥିପାଇଁ ବିଭିନ୍ନ ବ୍ୟବସ୍ଥା କରିଛନ୍ତି । ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ଏବଂ ବାକି ଜିଲାଗୁଡ଼ିକୁ ଖୁବ୍ ଶୀଘ୍ର ସେଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ସେ ଉଦ୍ୟମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଓଡ଼ିଶାରେ ଏହି ଯୋଜନା କିଭଳି ରହିଛି ସେ ନିଜେ ଅନୁସନ୍ଧାନ କରିବାକୁ ଆଗ୍ରହୀ । ଏଥିପାଇଁ ଆସନ୍ତା ଅକ୍ଟୋବର ମାସରେ କେବିକେର ସବୁଠାରୁ ଅନଗ୍ରସର ବଲାଙ୍ଗୀର ଜିଲାକୁ ସେ ପରିଦର୍ଶନରେ ଆସିବାକୁ ମନସ୍ଥ କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକଙ୍କୁ ପ୍ରକାଶ କରିଥିବା ବିରୋଧୀଦଳ ନେତାଙ୍କ ସୂତ୍ରରୁ ଜଣାପଡ଼ିଛି ।